# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୨୪ | Bhubaneswar, Thursday, August 22/2024 | ପୃଷ୍ଠା-୧




**ଶ୍ରୀଜେଶଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ**

ଭାରତୀୟ ହକି ଦଳର ଗୋଲ୍ କିପର ପି.ଆର. ଶ୍ରୀଜେଶଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

୦୭

୧୧

**ଅଲଗା ହେବେ ଜେନିଫର୍, ବେନ୍**

ବିବାହର ୨ ବର୍ଷ ପରେ ଆମେରିକୀୟ ଅଭିନେତ୍ରୀ ଜେନିଫର୍ ଲୋପେଜ୍ ଓ ଅଭିନେତା ବେନ୍ ଆଫ୍ଲେକ୍ ଅଲଗା ହେବାକୁ ଯାଉଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। **(ଅଧିକ ଫଟୋ ଓ ରିପୋର୍ଟ: ଖେଳ ପୃଷ୍ଠା)**

# ଚିକିଟିରେ ବିଷାକ୍ତ ମଦ ନେଲା ୨ ଜୀବନ

## ଏମ୍‌କେସିଜି ମେଡିକାଲରେ ୧୧ ଚିକିତ୍ସାଧୀନ

**ଚିକିଟି,୨୧।୮ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚିକିଟି ଏନ୍‌ଏସି ଅନ୍ତର୍ଗତ ଜେନାପୁର ଗ୍ରାମର ଜୁର ବେହେରା (୪୭) ଓ ଲୋକନାଥ ବେହେରା (୩୪)। ମଙ୍ଗଳବାର ମଧ୍ୟ ରାତିରେ ଜୁର ଓ ବୁଧବାର ଅପରାହ୍ନରେ ଲୋକନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଯାଇଛି। ଏମ୍‌କେସିଜିରେ ଏବେ ୧୧ ଜଣଙ୍କ ଚିକିତ୍ସା ଚାଲିଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଇରୀ ସେଠୀ, ଲକ୍ଷ୍ମଣ ବେହେରା ଓ ଦୁର୍ଯ୍ୟୋଧନ ବେହେରା ଆଇସିୟୁରେ ଅଛନ୍ତି। ଅନ୍ୟପଟେ ଏହି ମଦମୃତ୍ୟୁ ଘଟଣା ଜଣାପଡିବା ପରେ ସକାଳେ ଜେନାପୁରରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଓ ମଦ ବନ୍ଦ ଦାବି ନେଇ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

ମାଉନ୍ଦପୁର ଗ୍ରାମରେ ଦେଶୀମଦ ପିଇ ଗତ ସୋମବାର ☞ପୃଷ୍ଠା-୨

## ବିଧାନସଭାରେ ମଦମୃତ୍ୟୁ ଝଡ଼

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ଗଞ୍ଜାମ ଜିଲା ଚିକିଟିରେ ବିଷାକ୍ତ ମଦ ପିଇ ୧୬ ଜଣ ଅସୁସ୍ଥ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ଚିକିଟିରେ ପ୍ରବଳ ଉତ୍ତେଜନା ଦେଖାଦେଇଥିବାବେଳେ ବିଧାନସଭାରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଛି। ବିଜେଡି ସଦସ୍ୟମାନେ ଚିକିଟି ମଦ ମୃତ୍ୟୁକୁ ନେଇ ସରକାରଙ୍କୁ ଘେରିଛନ୍ତି। ଏହି ମଦ ମୃତ୍ୟୁ ପାଇଁ ଦାୟୀ କିଏ। କି କି ତଦନ୍ତ ହୋଇଛି। କାହିଁକି ବିଷାକ୍ତ ମଦ ବିକ୍ରି ହେଉଥିଲା। ସରକାର ଏହାର ଜବାବ ଦେବା ସହ ଘଟଣାର ଆର୍‌ଡିସି ସ୍ତରୀୟ ତଦନ୍ତ କରିବାକୁ ଦାବିକରି ବିଜେଡି ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରି ବିଧାନସଭାକୁ ଅଚଳ କରିଛନ୍ତି। ଅନ୍ୟପକ୍ଷରେ ଜନଜାତିଙ୍କ ସୁରକ୍ଷା ଦାବିକରି କଂଗ୍ରେସ ସଦସ୍ୟମାନେ ମଧ୍ୟ ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଧାନସଭା ଅଧିବେଶନର ଓଳିଏ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ☞ପୃଷ୍ଠା-୨

## ହଟିଲେ ବ୍ରହ୍ମପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ବେଆଇନ ମଦ କାରବାର ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଚିକିଟି ମଦମୃତ୍ୟୁ ଘଟଣା ପରେ ବ୍ରହ୍ମପୁରର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ଅପସାରଣ ପାଇଁ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ। ଏଥିସହିତ ବେଆଇନ ତଥା ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ମଦମୃତ୍ୟୁ ଘଟଣା ନେଇ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଅବକାରୀ କମିଶନର ନରସିଂହ ଭୋଳଙ୍କ ସହ ଆଲୋଚନା କରିବା ସହ ଏ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ। ରାଜ୍ୟର ସମସ୍ତ ଅଞ୍ଚଳରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ବେଆଇନ ☞ପୃଷ୍ଠା-୨

# ମହିଳା ବିରୋଧୀ ଅପରାଧ | ୧୫୧ ଏମ୍‌ପି, ବିଧାୟକ ଅଭିଯୁକ୍ତ

## ଓଡ଼ିଶାର ୧୬ ବିଧାୟକ, ଜଣେ ଏମ୍‌ପି

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ଦେଶରେ ବର୍ତ୍ତମାନ ୧୫୧ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ବିଚାରାଧୀନ ରହିଛି। ଏହି କ୍ଷେତ୍ରରେ ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ପରେ ଓଡ଼ିଶାର ଜନପ୍ରତିନିଧିଙ୍କ ସ୍ଥାନ ତୃତୀୟରେ ରହିଛି। ନିର୍ବାଚନ ବେଳେ ନାମାଙ୍କନ ପାଇଁ ଏମ୍‌ପି, ବିଧାୟକ ପ୍ରାର୍ଥୀ ଦାଖଲ କରିଥିବା ସତ୍ୟପାଠଗୁଡ଼ିକୁ ବିଶ୍ଳେଷଣ କରି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ଏନେଇ ଏକ ରିପୋର୍ଟ ପ୍ରକାଶ କରିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଦେଶରେ ହୋଇଥିବା ବିଭିନ୍ନ ନିର୍ବାଚନବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ଦାଖଲ ହୋଇଥିବା ବର୍ତ୍ତମାନର ବିଧାୟକ ଏବଂ ଏମ୍‌ପିମାନଙ୍କ ୪,୮୦୯ ସତ୍ୟପାଠରୁ ୪,୬୯୩ଟିକୁ ଯାଞ୍ଚ କରି ଏଡିଆର୍ ଉକ୍ତ ରିପୋର୍ଟ ପ୍ରକାଶ କରିଛି। ୧୩୫ ବିଧାୟକ ଓ ୧୬ ଏମ୍‌ପିଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ଚାଲିଛି। ରାଜ୍ୟଗୁଡ଼ିକ ମଧ୍ୟରୁ ଏହି ତାଲିକାରେ ପଶ୍ଚିମବଙ୍ଗ ସର୍ବାଗ୍ରେ ରହିଛି। ପଶ୍ଚିମବଙ୍ଗର ୨୫, ଆନ୍ଧ୍ରର ୨୧ ଓ ଓଡ଼ିଶାର ୧୭ ବିଧାୟକ ଏବଂ ଏମ୍‌ପି ନିଜ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଥିବା ବିଷୟ ସେମାନେ ଘୋଷଣା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦେଶରେ ଭାଜପାର ସର୍ବାଧିକ ୫୪ ଏମ୍‌ପି ଏବଂ ବିଧାୟକଙ୍କ ନାଁରେ ମହିଳା ବିରୋଧୀ ଅପରାଧ ରହିଛି। ସେହିପରି କଂଗ୍ରେସର ୨୩ ଓ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ୧୭ ଏମ୍‌ପି ଓ ବିଧାୟକଙ୍କ ନାଁରେ ଏଭଳି ସଙ୍ଗିନ ମାମଲା ରହିଛି। ରିପୋର୍ଟ ଅନୁଯାୟୀ, ଭାରତର ୧୬ ବିଧାୟକ ଓ ଏମ୍‌ପିଙ୍କ ବିରୋଧରେ ବଳାତ୍କାର ମାମଲା ରହିଛି। ସେଥିମଧ୍ୟରୁ ୧୪ ବିଧାୟକ ଓ ୨ ଏମ୍‌ପି ରହିଛନ୍ତି। ଉଭୟ ଭାଜପା ଏବଂ କଂଗ୍ରେସର ୫ ଲେଖାଏ ବିଧାୟକ ଓ ଏମ୍‌ପିଙ୍କ ନାଁରେ ବଳାତ୍କାର ମାମଲା ରହିଛି।

ଓଡ଼ିଶାର ୧୭ ଜଣଙ୍କ ମଧ୍ୟରୁ ୧୬ ବିଧାୟକ ଏବଂ ଜଣେ ଏମ୍‌ପି ଅଛନ୍ତି। ଅଭିଯୁକ୍ତ ବିଧାୟକମାନଙ୍କ ☞ପୃଷ୍ଠା-୨

# ଆସନ ଗୋଟିଏ, ୨ ନାମାଙ୍କନ

**ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)**

ଓଡ଼ିଶାରେ ଖାଲିଥିବା ଗୋଟିଏ ରାଜ୍ୟ ସଭା ଆସନ ଲାଗି ଭାଜପାରୁ ଦୁଇ ଜଣ ନେତା ନାମାଙ୍କନ ଦାଖଲ କରିବା ଏବେ ସମସ୍ତଙ୍କୁ ଚକିତ କରିଛି। ବୁଧବାର ବିଧାନସଭାର ରୁମ୍ ନଂ. ୨୨ରେ ରିଟର୍ନିଂ ଅଫିସର ଅବନୀକାନ୍ତ ନାୟକଙ୍କ ନିକଟରେ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଭାବେ ମମତା ମହାନ୍ତ ନାମାଙ୍କନ ଭରିଥିଲେ। ଏହାର ଘଣ୍ଟାକ ପରେ ୨୦୨୪ରେ ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିବା ଜଗନ୍ନାଥ ପ୍ରଧାନ ନାମାଙ୍କନ ଭରିଥିଲେ। ଜଗନ୍ନାଥଙ୍କ ପାଇଁ ୧୦ଭାଜପା ବିଧାୟକ ଅଗସ୍ତି ବେହେରା, ଦୁର୍ଗାପ୍ରସନ୍ନ ନାୟକ, ରଘୁନାଥ ଜଗଦଲା, ରୂପୁ ଭତ୍ରା, ଗୌରିଶଙ୍କର ମାଝୀ, ଦୁଷ୍ମନ୍ତ କୁମାର ସ୍ୱାଇଁ, ଲକ୍ଷ୍ମଣ ବାଗ୍, ଉମା ଚରଣ ମଲ୍ଲିକ, ପ୍ରକାଶ ସୋରେନ୍ ଏବଂ ମନୋରଞ୍ଜନ ଦ୍ୟାନସାମନ୍ତରାୟ ପ୍ରସ୍ତାବକ ରହିଛନ୍ତି। ଜଗନ୍ନାଥ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବାବେଳେ ତାଙ୍କୁ ଡମି କ୍ୟାଣ୍ଡିଡେଟ୍ ଦିଆଯାଇଥିବା ଦଳ ତରଫରୁ କୁହାଯାଇଛି।

ଏହି ଘଟଣା ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି, କାରଣ ବିଧାନସଭାରେ ଭାଜପାର ୭୮ ବିଧାୟକ ଥିବାବେଳେ ବିଜେଡିର ୫୧ ଏବଂ କଂଗ୍ରେସର ୧୪ ଜଣ ଅଛନ୍ତି। ଅନ୍ୟପକ୍ଷରେ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଭାଜପା ସପକ୍ଷରେ ଥିବାବେଳେ ସିପିଆଇଏମ୍‌ରୁ ଜିତିଥିବା ଜଣେ ବିଧାୟକଙ୍କ ସମର୍ଥନ ବିରୋଧୀଙ୍କ ସପକ୍ଷରେ ରହିବ। ତେଣୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ପ୍ରାର୍ଥୀ ଜିତାଇବା ପାଇଁ ୨ ବିରୋଧୀ ବିଜେଡି ଏବଂ କଂଗ୍ରେସ ପାଖରେ ସଂଖ୍ୟା ନାହିଁ। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ** ରାମାୟଣ ଓ ମହାଭାରତ କଥା

# ଆଇଏଏସ୍ ଅଫିସରସ୍ତରରେ ବଡ଼ ଅଦଳବଦଳ

**ସତ୍ୟବ୍ରତ-ଗୃହ, ଦେଓରଞ୍ଜନ-ରାଜସ୍ୱ, ଅଶ୍ୱସ୍ତି ଏସ୍.-ସ୍ୱାସ୍ଥ୍ୟ, ଶାଳିନୀ-ଗଣଶିକ୍ଷା**

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗୃହ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ଇସ୍ପାତ ଓ ଖଣି ବିଭାଗକୁ ବଦଳି କରାଯାଇଛି। ଏଥିସହିତ ସେ ପୂର୍ବପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ସଂସଦୀୟ ବ୍ୟାପାର ବିଭାଗ, ଓଡ଼ିଶା ଖଣି ନିଗମ ଅଧ୍ୟକ୍ଷ, ଖଣିଜ ଉତ୍ତୋଳନ ନିଗମ ଅଧ୍ୟକ୍ଷ ଓ ଇଡ୍‌କୋ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ☞ପୃଷ୍ଠା-୨

# ବଜ୍ରପାତରେ ଆଉ ୮ ମୃତ

**ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)**

ରାଜ୍ୟରେ ଏବର୍ଷ ବଜ୍ରପାତକୁ ନେଇ ଚିନ୍ତା ବଢ଼ିଛି। ଆକାଶରେ ମେଘ, ବିଜୁଳି ଦେଖିଲେ ଲୋକଙ୍କୁ ଭୟ ଘାରୁଛି। କିଛିଦିନ ହେବ ବଜ୍ରପାତଜନିତ ମୃତାହତ ସଂଖ୍ୟା ବଢ଼ି ଚାଲିଥିବାବେଳେ ବୁଧବାର ଜଣେ ଯୁବତୀଙ୍କ ସହ ଆଉ ୮ଜଣଙ୍କ ଜୀବନ ଯାଇଛି। ତେବେ ବିଲରେ କାମ କରୁଥିବାବେଳେ ବଜ୍ରପାତ ହେବାରୁ ଏମାନଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏଥିରେ ୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଭଦ୍ରକ ଓ ବାଲେଶ୍ୱର ଜିଲାରେ ୩ଜଣ ଲେଖାଏ ଏବଂ ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରେ ଜଣେ ଲେଖାଏ ଚାଷୀ ରହିଛନ୍ତି। ସେହିଭଳି ଭଦ୍ରକ ଓ ସମ୍ବଲପୁରରେ ୩ଜଣ ଲେଖାଏ ଚାଷୀ ଆହତ ହୋଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ ☞ପୃଷ୍ଠା-୨

# ଇନ୍‌ଷ୍ଟାଗ୍ରାମ୍‌ରେ ମୋଦିଙ୍କୁ ପଛରେ ପକାଇଲେ ଶ୍ରଦ୍ଧା

**ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ହରର ଓ କମେଡି ଫିଲ୍ମ 'ସ୍ତ୍ରୀ-୨'ର ସଫଳତାକୁ ନେଇ ବେଶ୍ ଚର୍ଚ୍ଚାରେ। ଏହି ଚଳଚ୍ଚିତ୍ରଟି ଅଗଷ୍ଟ ୧୫ରେ ମୁକ୍ତିଲାଭ କରିଛି। ବୁଧବାର ଫିଲ୍ମ ଏହାର ପ୍ରଥମ ସପ୍ତାହ ଶେଷ କରିବାକୁ ଯାଉଛି। ଏହି ଫିଲ୍ମ ଘରୋଇ ବକ୍ସ ଅଫିସରେ ୬ ଦିନରେ ୨୫୦ କୋଟି ଟଙ୍କା ଆୟ କରିଛି। ସ୍ତ୍ରୀ-୨ର ସଫଳତା ସହିତ ଶ୍ରଦ୍ଧା କପୁରଙ୍କ ଲୋକପ୍ରିୟତା ଆହୁରି ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆରେ ଅଭିନେତ୍ରୀଙ୍କ ଫଲୋୟର୍ସ ସଂଖ୍ୟା ଏତେ ବୃଦ୍ଧି ପାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ପଛରେ ରହିଯାଇଛନ୍ତି। ସ୍ତ୍ରୀ- ୨ର ସଫଳତା ପାଇଁ ବୁଧବାର ସନ୍ଧ୍ୟାସୁଦ୍ଧା ଶ୍ରଦ୍ଧା କପୁର ନିଜ ଇନ୍‌ଷ୍ଟାଗ୍ରାମରେ ୯୧.୫ ମିଲିୟନ ଫଲୋୟର୍ସ ପାଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କର ୯୧.୩ ମିଲିୟନ ଫଲୋୟର୍ସ ରହିଥିବା ଜଣାପଡିଛି।









ଅଭିନେତ୍ରୀ ଶ୍ରଦ୍ଧା କପୁର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ତେବେ ଅଭିନେତ୍ରୀଙ୍କ ମଧ୍ୟରେ ପ୍ରିୟଙ୍କା ଚୋପ୍ରାଙ୍କର ଇନ୍‌ଷ୍ଟାଗ୍ରାମରେ ସର୍ବାଧିକ ୯୧.୮ ମିଲିୟନ ଫଲୋୟର୍ସ ଅଛନ୍ତି। ତାଙ୍କ ତଳକୁ ଶ୍ରଦ୍ଧା କପୁରଙ୍କର ୯୧.୫ ମିଲିୟନ ଓ ନରେନ୍ଦ୍ର ମୋଦିଙ୍କର ୯୧.୩ ମିଲିୟନ ଫଲୋୟର୍ସ ରହିଛନ୍ତି। ଅନ୍ୟପଟେ କ୍ରିକେଟର ବିରାଟ କୋହଲିଙ୍କର ଭାରତରେ ସର୍ବାଧିକ ୨୭୦ ମିଲିୟନ ଫଲୋୟର୍ସ ଥିବାବେଳେ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କର ବିଶ୍ୱରେ ସର୍ବାଧିକ ୬୩୬ ମିଲିୟନ ଫଲୋୟର୍ସ ଅଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

କାମାକ୍ଷାନଗର,୨୧।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମରେ ବୁଧବାର ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି ଗ୍ରାମର ଭୀମସେନ ପରିଡା। ଭୀମସେନ ସକାଳ ପ୍ରାୟ ୧୦ଟା ସମୟରେ ବିଲକୁ ସାର ପକାଇବା ପାଇଁ ଯାଇଥିଲା ବେଳେ ବଜ୍ରପାତ ହୋଇଥିଲା। ପରିବାର ଲୋକ ଖବର ପାଇ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୋଲିସ କେସନଂ ୩୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ମୃତଦେହ ଜବତ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରୁ ବୁଧବାର ସକାଳେ ଏକ ଭଡ଼ାଘରୁ ଆଲୋକ ମହାନ୍ତି (୩୦)ଙ୍କର ମୃତଦେହକୁ ଜବତ କରାଯାଇଛି। ଆଲୋକ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି କେସ୍ ନଂ ୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଜଣ୍ଡିସ୍‌ରେ ୩୦ ଛାତ୍ରୀଛାତ୍ର ଆକ୍ରାନ୍ତ

- ଅନିର୍ଦ୍ଦିଷ୍ଟ କାଳ ପାଇଁ ଯୁକ୍ତ୨ ଆବାସିକ କଲେଜ ଛୁଟି
- କର୍ତ୍ତୃପକ୍ଷ କହିଲେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛୁ
- ଆମ ପାଖରେ ଖବର ନାହିଁ: ସିଡିଏମ୍‌ଓ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ କଲେଜ ବାଇପାସ୍ ଅଞ୍ଚଳରେ ଥିବା ଭାର୍ଗବୀ ଯୁକ୍ତ୨ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗତ ୧୭ ତାରିଖରେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହି ଘଟଣା ଜଣାପଡ଼ିବାରୁ ଗତ ୧୭ ତାରିଖରୁ କଲେଜ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜକୁ ଛୁଟି କରିଦେଇଛନ୍ତି। ଏତେ ସଂଖ୍ୟକ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ଏବେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ଗୋଟିଏ ପଟେ କଲେଜର ପ୍ରଶାସନିକ ଅଧିକାରୀ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛନ୍ତି ବୋଲି କହୁଥିବା ବେଳେ ଅନ୍ୟପଟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏତେବଡ଼ ଘଟଣା ଘଟିଥିବା ଆମ ପାଖରେ ଖବର ନାହିଁ ବୋଲି କହିଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ନେଇ କଲେଜ କର୍ତ୍ତୃପକ୍ଷ କେତେ ଦାୟିତ୍ୱବାନ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।



ଭାର୍ଗବୀ ଯୁକ୍ତ୨ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏହି କଲେଜର ୬ଟି ହଷ୍ଟେଲ ରହିଥିବା ବେଳେ ପ୍ରାୟ ୩୫୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ପ୍ରଥମେ ଡେ' ସ୍କଲାର ୧୦ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ଖାଦ୍ୟ ଓ ପାଣିରୁ ଏହା ସଂକ୍ରମଣ ହୋଇଛି ବୋଲି କୁହାଯାଉଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏହାକୁ ମାନିବାକୁ ନାରାଜ। ତେବେ ଛାତ୍ରୀଛାତ୍ରମାନେ କାହିଁକି ଜଣ୍ଡିସରେ ଆକ୍ରାନ୍ତ ହେଲେ ତାହା ଜାଣିହେଉନାହିଁ ବୋଲି କହୁଛନ୍ତି କଲେଜ କର୍ତ୍ତୃପକ୍ଷ। ସେହିପରି ଘଟଣା ଜାଣିବା ପରେ କଲେଜର ହଷ୍ଟେଲ, ଅଫିସ, କ୍ୟାଣ୍ଟିନ ଆଦି ସାନିଟାଇଜେଶନ ଚାଲିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କଲେଜର ପ୍ରଶାସନିକ ଅଧିକାରୀ ସୁବୋଧ ସିଂହ କୁହନ୍ତି ଯେ, ରାଖୀ ପୂର୍ଣ୍ଣିମା ପାଇଁ ଆମର ଛୁଟି ହେବାର ଥିଲା। କିନ୍ତୁ ୧୦ଜଣ ଡେ' ସ୍କୋଲାର ଛାତ୍ରୀଛାତ୍ର ହଠାତ୍ ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ପରେ ମୋଟ ପ୍ରାୟ ୩୦ଜଣ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ପ୍ରିନ୍ସିପାଲଙ୍କ ଅନୁମତି ନେଇ କଲେଜକୁ ଛୁଟି କରିଦିଆଗଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଜଣାଇବା ପରେ ସେଠାରେ ଅଧିକାରୀମାନେ ଆମକୁ ତୁରନ୍ତ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପରାମର୍ଶ ଦେବା ସହିତ ହଷ୍ଟେଲଗୁଡିକ ସାନିଟାଇଜ କରିବାକୁ କହଥିଲେ। ଅଭିଭାବକମାନଙ୍କ ସହିତ ଯୋଗଯୋଗ କରାଯାଇଛି। ଆକ୍ରାନ୍ତ ଛାତ୍ରୀଛାତ୍ରମାନେ ସୁସ୍ଥ ଥିବା ଖବର ମିଳିଛି। ଆମର ଅଫିସ, ହଷ୍ଟେଲ, କ୍ୟାଣ୍ଟିନ ଆଦି ସାନିଟାଇଜେଶନ କାମ ଚାଲିଛି ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର କହିଛନ୍ତି, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲେ ମଧ୍ୟ ଆମକୁ କେହି ଜଣାଇନାହାନ୍ତି । ଆମ ପାଖରେ ମଧ୍ୟ ଏ ସଂକ୍ରାନ୍ତରେ ଖବର ନାହିଁ। ତୁରନ୍ତ କଲେଜ ପରିଦର୍ଶନରେ ଯାଇ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ କହିଥିଲେ। ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହଷ୍ଟେଲଗୁଡିକରେ ରହୁଥିବା ଛାତ୍ରୀଛାତ୍ରମାନଙ୍କର କଲେଜ କର୍ତ୍ତୃପକ୍ଷ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରୁନଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ସାଧାରଣରେ ଆଲୋଚନା ହେଉଛି।

# ସହକାରୀ ଯନ୍ତ୍ରୀଙ୍କ ସହ ୪ ଗିରଫ



୩ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ସହର ମହାବୀର ବଜାର ଜଗନ୍ନାଥ ରୋଡ଼ ଅଞ୍ଚଳରେ ରହିଥିବା ଏକ ଘରୋଇ ଗେଷ୍ଟ ହାଉସରେ ଯୌନ କାରବାର ଚାଲିଥିବା ବେଳେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ଟାଉନ ଥାନା ପୋଲିସ ଚଢାଉ କରି ୪ଜଣ ଯୁବତୀ ଓ ୭ଜଣ ଯୁବକଙ୍କୁ ଆଣି ଅଟକ ରଖି ପଚରା ଉଚରା କରିଥିଲା। ବୁଧବାର ଏହି ଘଟଣାରେ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗର ସହକାରୀ ଯନ୍ତ୍ରୀ ତଥା ମୋଟଙ୍ଗା ଥାନା ନାଧରା ଗ୍ରାମର ରଜତ କୁମାର ବେହେରା(୫୨)ଙ୍କ ସମେତ ଗେଷ୍ଟ ହାଉସର ଦୁଇ ମ୍ୟାନେଜର ଭଗବାନପୁର ଅଞ୍ଚଳର ମାନସ ରଞ୍ଜନ ପଣ୍ଡା (୪୮), ସିମିଳିଆ ଅଞ୍ଚଳର ଗୁଲୁ ଓରଫ୍ ସର୍ବେଶ୍ୱର ଦାସ(୪୭)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୌଣସି ସୂତ୍ରରୁ ଖବର ପାଇବା ପରେ ପୋଲିସ ପକ୍ଷରୁ ଚଢାଉ ହୋଇଥିଲା। ଚଢ଼ାଉ ସମୟରେ

### ଗେଷ୍ଟ ହାଉସ୍‌ରେ ଯୌନ କାରବାର ଘଟଣା

୩ଜଣ ମହିଳା ଓ ୨ଜଣ ପୁରୁଷ ଅସଂଯତ ଅବସ୍ଥାରେ ଗେଷ୍ଟ ହାଉସରୁ ଉଦ୍ଧାର ହୋଇଥିଲେ। ଏଥିସହିତ ପ୍ରକୋଷ୍ଠ ମଧ୍ୟରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା। ତେବେ ନିୟମିତ ଭାବରେ ଏହି ଗେଷ୍ଟ ହାଉସରେ ଏହାର ମ୍ୟାନେଜର ଦ୍ୱୟ ଗ୍ରାହକଙ୍କୁ ଯୋଗାଯୋଗ କରି ବାହାରୁ ଯୁବତୀଙ୍କୁ ଆଣି ଯୌନ ବ୍ୟବସାୟ କରି ଅର୍ଥ ଉପାର୍ଜନ କରୁଥିଲେ ବୋଲି ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ରଙ୍କ ସୂତ୍ରରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ ନଂ ୫୨୦/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଗେଷ୍ଟ ହାଉସରୁ ଉଦ୍ଧାର ଯୁବତୀମାନଙ୍କୁ ଜିମାନାମା କରି ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପରେ ସେମାନଙ୍କୁ କାଉନସେଲିଂ କରାଯିବ ବୋଲି ସଦର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଭୁବନରେ ବନ୍ଦ ପାଳନ



ବନ୍ଦ ପାଳନ ବେଳେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

ଭୁବନ, ୨୧।୮( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଆମ୍ବେଦକର ସେବା ସଂଗଠନ ଓ ଅଖିଳ ଭାରତୀୟ ଏସ୍‌ସି ଏସ୍‌ଟି ସଂଗଠନ ପକ୍ଷରୁ ବୁଧବାର ଭୁବନ କୋର୍ଟ ଛକ ନିକଟସ୍ଥ ଜାତୀୟ ରାଜପଥ ୫୩ ଉପରେ ଆନ୍ଦୋଳନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ସମାଜ ପାଇଁ କୋଟା ଉପରେ କୋଟା ଓ ୩୪୧, ୩୪୨ ଧାରା ସୁପ୍ରିମକୋର୍ଟ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି। ଭୁବନ ବ୍ଲକ ଓ ଏନଏସି ଅଞ୍ଚଳରେ ବନ୍ଦ ପାଳନର ପ୍ରଭାବ ପଡ଼ିଛି। ବନ୍ଦକୁ ସମର୍ଥନ କରି ଦୋକାନ, ବଜାର, ଶିକ୍ଷାନୁଷ୍ଠାନ ଓ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀଙ୍କ ପକ୍ଷରୁ ପିକେଟିଂ କରାଯାଇଥିଲା। ଭୁବନ ଆମ୍ବେଦକର ସଂଗଠନର ସଭାପତି ଗୌତମ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ସଞ୍ଜୟ କୁମାର ନାଏକ, ସଂଗଠନ ସମ୍ପାଦକ ଦ୍ୱାରିକା ମଲିକ, ଉପସଭାପତି ହୃଦାନନ୍ଦ ମଲିକ ଓ ବରିଷ୍ଠ କର୍ମକର୍ତ୍ତା ଅଚ୍ୟୁତାନନ୍ଦ ମଲିକଙ୍କ ସମେତ ସଫେଇ କର୍ମଚାରୀ ସଙ୍ଘର କାଞ୍ଚନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଅଣ୍ଟିଆ ଖାଦ୍ୟ ବଣ୍ଟନକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ବୁଧବାର ଅରୁଚିକର ଓ ନିଅଣ୍ଟିଆ ଖାଦ୍ୟ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହିତ ଟୋକନଧାରୀମାନଙ୍କୁ ମଧ୍ୟ ଖାଦ୍ୟ ମିଳିପାରିନଥିଲା। ଲାଇନରେ ଛିଡା ହୋଇଥିବା ରୋଗୀଙ୍କ ସମ୍ପର୍କିୟମାନଙ୍କୁ ଖାଦ୍ୟ ବଣ୍ଟନ କରୁଥିବା ବ୍ୟକ୍ତିମାନେ ଖାଦ୍ୟ ଆସୁଛି ବୋଲି କହିଥିଲେ ମଧ୍ୟ ଦିନ ୩ଟା ପର୍ଯ୍ୟନ୍ତ ଖାଦ୍ୟ ଆସିନଥିଲା। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟର ହସ୍‌ପିଟାଲ ମ୍ୟାନେଜରଙ୍କୁ ଅବଗତ କରାଯାଇଥିଲା। ପ୍ରସୂତୀ ବିଭାଗରେ ଡାଲି ତରକାରି ନଥିବା ବେଳେ ସୋୟାବଡ଼ି ଝୋଳ କମମାତ୍ରାରେ ଦିଆଯାଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ରୋଗୀଙ୍କ ସମ୍ପର୍କିୟମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କୁହନ୍ତି ଯେ, ଆମର ଏକ ବୈଠକ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେଉଥିବାରୁ ଆମେ ସେଠାରେ ଥିଲୁ। ବୈଠକ ପରେ ମଧ୍ୟ ଜଣେ ମୋତେ ଫୋନ କରି କହିଥିଲେ । ମୁ ତାଙ୍କୁ ତୁରନ୍ତ ଜିଲା ମେଡିକାଲ ଅଫିସରଙ୍କୁ ଜଣାଇବା ପାଇଁ କହିଥିଲି। ଏହି ଘଟଣାରେ ଅନ୍ୟକିଛି ରହସ୍ୟ ଥିବା ଜଣାପଡୁଛି। ସେ ସମ୍ପର୍କରେ ଆମେ ଅନୁଧ୍ୟାନ କରୁଛୁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୁହନ୍ତି।

# କାମାକ୍ଷାନଗରରେ ସରକାରୀ କାର୍ଯ୍ୟାଳୟ ବନ୍ଦ




କାମାକ୍ଷାନଗର,୨୧।୮(ସୁଧୀର କୁମାର ପରିଡ଼ା)

ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କୋଟା ଆରକ୍ଷଣ ଉପରେ ଗ୍ରହଣ କରିଥିବା ନିଷ୍ପତ୍ତିକୁ ବିରୋଧ କରି କାମାକ୍ଷାନଗର ସହରରେ ଭାରତ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି। ସହରର ଆଳତୁମା, ଜିରିଡାମାଳି, ମାଳପୁରା ପ୍ରଭୃତି ସ୍ଥାନରେ ପ୍ରତିବାଦ ଶୋଭାଯାତ୍ରା ଓ ରାସ୍ତା ଉପରେ ଧାରଣା ସାଙ୍ଗକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟ, ଆଦିବାସୀ ସଂଘ, ଓବିସି ସଂଘ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଦୃଢ ବିରୋଧ କରିଥିଲେ। ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ହୋଇଥିଲା। ଏହି ବନ୍ଦ ପାଳନରେ ଜୟନ୍ତୀ ନାୟକ, ଶରତ ଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ




ଭାରତ ବନ୍ଦ ପାଳନ ଅବସରରେ ଆମ୍ବେଦକର ସେବା ସଂଗଠନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ଢେଙ୍କାନାଳ,୨୧।୮(ରତନ ନାୟାର)

ଅନୁସୂଚିତ ଜାତି ଓ ଜନଜାତିଙ୍କ ଆରକ୍ଷଣରେ ବର୍ଗୀକରଣ ବା କ୍ରିମିଲେୟାରକୁ ପ୍ରତ୍ୟାହାର ଓ ସଂସଦରେ ଅଧ୍ୟାଦେଶ ଆଣି ଅନୁସୂଚିତ ଜାତି ଓ ଜନଜାତି ଆରକ୍ଷଣକୁ ସୁରକ୍ଷିତ କରିବା ଦାବିରେ ଢେଙ୍କାନାଳରେ ଆମ୍ବେଦକର ସେବା ସଂଗଠନ ପକ୍ଷରୁ ଭାରତ ବନ୍ଦକୁ ସମର୍ଥନ କରାଯାଇଥିଲା। ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳର ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାୟକ ଓ ସମ୍ପାଦକ ଆଇନଜୀବୀ ଚିତ୍ରସେନ ନାୟକଙ୍କ ନେତୃତ୍ୱରେ ଢେଙ୍କାନାଳରେ ବନ୍ଦ ପାଳିତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତାମାନେ କଲେଜ ବାଇପାସ ଠାରେ ୫୫ନଂ ଜାତୀୟ ରାଜପଥକୁ ଅବରୋଧ କରିବା ସହ ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସଦର ତହସିଲ କାର୍ଯ୍ୟାଳୟ, ସଦର ବ୍ଲକ କାର୍ଯାଳୟ, ପୌର କାର୍ଯାଳୟ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯାଳୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯାଳୟ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ଆଗରେ ପିକେଟିଂ କରି କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଥିଲେ। ଏଥିସହିତ ସହର ପରିକ୍ରମା କରି ବନ୍ଦ ପାଳନରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରୋହିତ ନାଏକ, ରୁଦ୍ରାନ୍ତ ଦଳେଇ, ସୁଧାକର ଜେନା, ମଞ୍ଜୁ ସେଠି, ସୁରେଶ ନାଏକ, ଅକ୍ଷୟ ମଲ୍ଲିକ, ଦୋଳଗୋବିନ୍ଦ ସାହୁ, ଆଇନଜୀବୀ ନିରଞ୍ଜନ ନାୟକ ଓ ଅଶୋକ ମଲ୍ଲିକ, ବିଜୟ ନାୟକ, ସୁଚିତ୍ର ସାହୁ, ହାଡିବନ୍ଧୁ ରାଉତ ଓ ସୀତାକାନ୍ତ ନାୟକ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ସଂଗଠନର ନେତୃତ୍ୱରେ ହିନ୍ଦୋଳ, ସାତମାଇଲ, କଣ୍ଟାବେଣିଆ, ଭୁବନ, ପରଜଙ୍ଗ ଓ କାମାକ୍ଷାନଗରରେ ମଧ୍ୟ ବନ୍ଦ ପାଳନ ହୋଇଥିଲା। ଆଗାମୀ ଦିନରେ ଦାବି ପୂରଣ ନହେଲେ ଭୟଙ୍କର ଆନ୍ଦୋଳନ ହେବ ବୋଲି କାର୍ଯ୍ୟକର୍ତ୍ତାମାନେ ଚେତାବନି ଦେଇଛନ୍ତି ।

# ଇନରହ୍ୱିଲ ଜିଲା ଅଧକ୍ଷାଙ୍କ ପରିଦର୍ଶନ



ଢେଙ୍କାନାଳ ଇନରହ୍ୱିଲ କ୍ଲବର ସଦସ୍ୟାମାନେ

ଢେଙ୍କାନାଳ,୨୧।୮(ରତନ ନାୟାର)

ଇନରହ୍ୱିଲ ଜିଲା-୩୨୬ର ଅଧକ୍ଷା ସନ୍ଧ୍ୟାରାଣୀ ମିଶ୍ର ଗତ ୧୭ ତାରିଖରେ ଗସ୍ତରେ ଆସି ଢେଙ୍କାନାଳ ଇନରହ୍ୱିଲ କ୍ଲବ ପରିଦର୍ଶନ କରିଥିଲେ। କ୍ଲବ ପକ୍ଷରୁ ଅଧକ୍ଷାଙ୍କୁ ସ୍ୱାଗତ କରାଯାଇଥିଲା। ଅଧକ୍ଷା ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟ ଓ ଆଦୃତା ଅନାଥାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ପିଲାମାନଙ୍କ ସହିତ କିଛି ସମୟ ବିତାଇବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କ୍ଲବର ବୁଲେଟିନ ଜାଗୃତିକୁ ଉନ୍ମୋଚନ କରିଥିଲେ । ଇନରହ୍ୱିଲ କ୍ଲବ ପକ୍ଷରୁ ଛାତ୍ରୀ ମୋନାଲିସା ବେହେରାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଅନ୍ୟଜଣେ ମହିଳାଙ୍କୁ ସିଲାଇ ମେଶିନ ପ୍ରଦାନ କରାଯାଇଥିଲା । ଡ. କବିତା ମହାନ୍ତିଙ୍କୁ ଅଧକ୍ଷା ପିନ୍ ପିନ୍ଧାଇ ନୂତନ ସଦସ୍ୟା ଭାବେ ଗ୍ରହଣ କରାଯାଇଥିଲା।

# ମନଇଚ୍ଛା ଗଛ କଟାକୁ ବିରୋଧ

ପାଲଲହଡ଼ା,୨୧।୮(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦରମହକୁମା ଦେଇ ନିର୍ମାଣ ହେଉଥିବା ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପରେ ନିୟୋଜିତ ଏକ ଠିକା ସଂସ୍ଥାର କର୍ମଚାରୀମାନେ ସ୍ଥାନୀୟ ଜଙ୍ଗଲରୁ ମନଇଚ୍ଛା ଗଛ କାଟି ଠିକା ସଂସ୍ଥା ଗାଡ଼ିରେ ବୋହୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରି କି, ଗଛକଟାକୁ ଯୁବକମାନେ ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ବଡିସୁଆଁ ଠାରୁ ଫପଣ୍ଡ ଯାଏ ଏକ ଠିକା ସଂସ୍ଥା ରେଲୱେ ପ୍ରକଳ୍ପ କାମ କରୁଛି। ବୁଧବାର ପାଖ ଜଙ୍ଗଲରୁ ଗଛ କାଟି ଅପରାହ୍ନରେ ପେଣ୍ଡେରାବସା ଛକ ନିକଟ ଜାତୀୟ ରାଜପଥ ୧୪୯ରେ ଏକ ଗାଡିରେ ନିଆଯାଉଥିବା ସ୍ଥାନୀୟ ଯୁବକମାନେ ଗାଡିକୁ ଅଟକ ରଖିଥିଲେ। ପାଲଲହଡ଼ା ବନ ବିଭାଗ କର୍ମଚାରୀ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡିଟି ପଳାଇ ଯାଇଥିଲା। ଏହି ଘଟଣାର ତଦନ୍ତ କରାଯିବ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ଫରେଷ୍ଟର ଶ୍ୟାମସୁନ୍ଦର ବେହେରା କହିଛନ୍ତି।

# ପରଜଙ୍ଗରେ ବନ୍ଦର ପ୍ରଭାବ

ପରଜଙ୍ଗ ୨୧।୮(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଦେଇଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ବାଇପାସ ନିକଟରେ ବୁଧବାର ଆଦିବାସୀ ଚେତନା ସଂଗଠନ, ନୀଳମାଧବ ଆଦିବାସୀ ସେବା ସଂଗଠନ, ଆଞ୍ଚଳିକ ଆମ୍ବେଦକର ଫାଉଣ୍ଡେଶନ ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଅନୁସୂଚିତ ଜାତି, ଜନଜାତି ବର୍ଗର ଭାଗିଦାରୀ ଆରକ୍ଷଣକୁ ସମାପ୍ତ କରିବା ଷଡ଼ଯନ୍ତ୍ରକୁ ବିରୋଧ କରି ବନ୍ଦ ଡାକରା ଦେଇଥିବା ବେଳେ ଏହାର ପ୍ରଭାବ ପରଜଙ୍ଗରେ ମଧ୍ୟ ଦେଖିବାକୁ ମିଳିଛି। ରାସ୍ତା ଉପରେ ଟାୟାର ଜାଳି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାରାବାଜି ଦେଇଥିଲେ, ଫଳରେ ଦୁଇଚକିଆ ବାହନକୁ ଛାଡ଼ି ବଡ଼ ବଡ଼ ଗାଡ଼ିମୋଟର ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇରହିଥିଲେ। ଦିନ ୧୧ ଟା ବେଳକୁ ସଂଗଠନର କିଛି ସଦସ୍ୟ ସରକାରୀ ଅଫିସ, ସ୍କୁଲ କଲେଜ ସବୁ ବନ୍ଦ କରିଥିଲେ।

# ଆତ୍ମା ପରମାତ୍ମାର ବନ୍ଧନ ପ୍ରକୃତ ବନ୍ଧନ



ବ୍ରହ୍ମାକୁମାରୀ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ।

ଢେଙ୍କାନାଳ,୨୧।୮(ରତନ ନାୟାର)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଶାଖା ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ ରକ୍ଷାବନ୍ଧନ ପାଳିତ ହୋଇଥିଲା । ଜିଲା ଶାଖା ପରିଚାଳିକା ବିକେ ଉଷା ଉଦବୋଧନ ଦେଇ କହିଲେ ଭାଇ ଓ ଉଉଣୀଙ୍କ ମଧ୍ୟରେ ସମ୍ପର୍କ ପବିତ୍ର ସମ୍ପର୍କ । ମହିଳାମାନଙ୍କ ପ୍ରତି ସମସ୍ତଙ୍କ ସମ୍ମାନ ରହିବା ଉଚିତ। ସେହିପରି ଆତ୍ମା ପରମାତ୍ମାର ବନ୍ଧୁ ହେଉଛି ପବିତ୍ର ବନ୍ଧନ। ପରମାତ୍ମା ଶିବ ଅବତରଣ କରି ଆଧ୍ୟାତ୍ମିକ ଜ୍ଞାନ ଓ ରାଜଯୋଗ ଶିକ୍ଷା ଦେଉଛନ୍ତି। ପରିବର୍ତ୍ତନ ହେଲେ ବିଶ୍ୱ ପରିବର୍ତ୍ତନ ହେବ ବୋଲି କହିଥିଲେ। ଏହି ଅବସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ସମୟରେ ମୁରଲି ପଢ଼ା ଯାଇଥିଲା। ପରେ ଉଷା ଭଉଣୀଙ୍କ ନେତୃତ୍ୱରେ ଜିଲା କାରାଗାରରେ ଅନ୍ତେବାସୀମାନଙ୍କୁ ରାଖୀ ବନ୍ଧା ଯାଇଥିଲା। ଏଥିସହିତ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ଏମ୍‌ପି ମହେଶ ସାହୁ, ଭାରତୀୟ ଜନସଞ୍ଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ, ନର୍ସିଂ ସ୍କୁଲ ଛାତ୍ରୀ, କର୍ମଚାରୀ, ପ୍ରଶିକ୍ଷକ, ସରକାରୀ ଅଧିକାରୀ ଓ ଅଟୋ ଚାଳକ ଓ ଶିଶୁ ଗୃହ ଅନୁଷ୍ଠାନ କର୍ମଚାରୀଙ୍କୁ ରାଖୀ ପିନ୍ଧା ଯାଇଥିଲା ।

# ରାଷ୍ଟ୍ରପତି ଭବନରେ ରକ୍ଷାବନ୍ଧନ ପାଳିଲେ ଢେଙ୍କାନାଳର ୫ ଛାତ୍ର

ଢେଙ୍କାନାଳ,୨୧।୮(ରତନ ନାୟାର)

ରକ୍ଷାବନ୍ଧନ ଉତ୍ସବରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ରକ୍ଷା ବନ୍ଧନ ଉତ୍ସବରେ ଢେଙ୍କାନାଳ ସହରସ୍ଥିତ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୫ ଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ। ଏହି ୫ ଛାତ୍ର ହେଲେ ୮ମ ଶ୍ରେଣୀର କୁମାର ପ୍ରଭୂଦତ୍ତ ସାହୁ, ଆୟୁଷ କୁମାର ସାହୁ, ସତ୍ୟବ୍ରତ ନାୟକ, ଅଂଶୁମାନ ସ୍ୱାଇଁ ଓ ରିତବ୍ରତ ପଣ୍ଡା। ଛାତ୍ରମାନେ ରାଷ୍ଟ୍ରପତିଙ୍କ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ। ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଲିଖିତ 'ରକ୍ଷା ବନ୍ଧନ ପାଇଁ ଓ 'ମହା ମହିମା ବିମଣ୍ଡିତା ଦ୍ରୌପଦୀ ମୁର୍ମୁ' ଶୀର୍ଷକ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଭାବ ବିନିମୟ କର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ସହିତ ୧୫ ମିନିଟ ଧରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଶିକ୍ଷକ ଡ. ମିଶ୍ରଙ୍କ ହାତରୁ ରାଖୀ ଗ୍ରହଣ କରିବା ସହିତ ତାଙ୍କ ଉଦ୍ଦେଶ୍ୟରେ ଲିଖିତ ପୁସ୍ତକ ବିଷୟରେ ଶୁଣିବା ପରେ ଜୀବନୀ ଉପରେ ଗବେଷଣା କରି ଏକ ପୁସ୍ତକ ଲେଖିବାକୁ ମୌଖିକ ଭାବେ ସମ୍ମତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ହାତରୁ ରାଖୀ ଗ୍ରହଣ କରିବା ସହ ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହାୟତାରେ ୫ଟି ଜିଲାର ୨୫ଜଣ ଛାତ୍ରୀଛାତ୍ର ଓ ୫ଜଣ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ ଭୁବନଶ୍ୱରର ନୋଡାଲ ଅଧିକାରୀ ପ୍ରଫୁଲ୍ଲ କୁମାର ସେନାପତି ଯୋଗ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଷ୍ଟ୍ରପତି ପରିସରରେ ଥିବା ଅମୃତ ଉଦ୍ୟାନ ପରିଭ୍ରମଣ କରିଥିଲେ।



ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଓଡ଼ିଶାର ଛାତ୍ରୀଛାତ୍ର।

**ବାଇକ୍ ଜବତ, ଜଣେ ଗିରଫ**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ବୁଧବାର ଲୁହାମୁଣ୍ଡା ଅଞ୍ଚଳରୁ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ବିଡିସିଙ୍ଗ ଗ୍ରାମର ସନାତନ ମାଝୀଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରିଛି। ସେ ମଦ୍ୟପାନ କରି ବେପରୁଆ ଭାବେ ବାଇକ୍ ଚଳାଉଥିବା ବେଳେ ପୋଲିସ ଯାଞ୍ଚ କରି ଗିରଫ କରିଥିଲା । ଏ ନେଇ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।



ଭାରତ ବନ୍ଦ ପାଳନ ବେଳେ ଅନୁଗୋଳ ହୁଲୁରସିଂହା ଛକଠାରେ ରାସ୍ତାରୋକୋ।



ଅନୁଗୋଳ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଠିଆ ହୋଇରହିଛି। (ଫଟୋ- ବୁବୁ)

# ବ୍ୟବସାୟ, ଗାଡ଼ି ଚଳାଚଳ ଠପ୍

## ଅନୁଗୋଳରେ ବନ୍ଦ ପାଳନ ସଫଳ

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ତଫସିଲଭୁକ୍ତ ଜାତି(ଏସ୍‌ସି) ଏବଂ ଜନଜାତି(ଏସ୍‌ଟି)ଙ୍କ ମଧ୍ୟରେ ଉପବର୍ଗୀକରଣ ତଥା ସଂରକ୍ଷଣ ନେଇ ଅଗଷ୍ଟ ୧ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଅଖିଳ ଭାରତ ଅନୁସୂଚିତ ଜାତି ଓ ଜନଜାତି ସମିତି ପକ୍ଷରୁ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଅନୁଗୋଳରେ ଦେଖିବାକୁ ମିଳିଛି। ଅନୁଗୋଳ ସହରରେ ଥିବା ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା । ଏ ବନ୍ଦ ପାଳନରେ ଅନୁଗୋଳ ଅନୁସୂଚିତ ଜାତି ଜନଜାତି ସମନ୍ୱୟ ସମିତିର କାର୍ଯ୍ୟକର୍ତ୍ତା ଶତ୍ରୁଘ୍ନ ନାଏକ, ପ୍ରଭାତ ବେହେରା, ପ୍ରହ୍ଲାଦ ନାଏକ, ପ୍ରଦ୍ୟୁମ୍ନ କୁମାର ନାଏକ, ଅକ୍ଷର ବେହେରା, ବସନ୍ତ ନାଏକ, କୁମୁଦ ନାଏକ, ପ୍ରଫୁଲ୍ଲ ନାଏକ, ସର୍ବେଶ୍ୱର ବେହେରା, ଗଣେଶ୍ୱର ନାଏକ, ଶରତ ନାଏକ, ତରଣୀସେନ ନାଏକ, ଦମୟନ୍ତୀ ମହାପାତ୍ର, ଧରଣୀଧର ବେହେରା, ଲୁଲୁ ନାଏକ, ଚରଣ ନାଏକ, ଆଇନଜୀବୀ ପ୍ରତାପ ନାଏକ, ପବିତ୍ର ନାଏକ, ସପନେଶ୍ୱର ନାଏକ, ନୀଳକଣ୍ଠ ନାଏକ ଓ ଶତାଧିକ ଅନୁସୂଚିତ ଜାତି ଜନଜାତି ଲୋକମାନେ ସାମିଲ ଥିଲେ । ଏହି ବନ୍ଦ ପାଳନକୁ ରାଜ୍ୟ କଂଗ୍ରେସ କମିଟି ଓବିସି ଉପ ସଭାପତି ଓ ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ବିଶ୍ୱାଳ ସମର୍ଥନ ଜଣାଇଥିଲେ ।



ଅନୁଗୋଳ ବଜାରରେ ସମସ୍ତ ଦୋକାନ ବନ୍ଦ ରହିଛି।

# ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଅନୁଗୋଳର ଗ୍ରାମ ଦେବତୀ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ବୁଧବାର ଧୁମଧାମ୍‌ରେ ପାଳିତ ହେଇଯାଇଛି। ପୂର୍ବାହ୍ନରେ ମା'ଙ୍କ ଆଲମକୁ ହୁଲୁରିସିଂହାରୁ ଶୋଭାଯାତ୍ରାରେ ନିଆଯାଇ ସହର ପରିକ୍ରମା କରାଯାଇଥିଲା । ମା'ଙ୍କ ପୀଠରେ ଆଲମ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହ ପୂଜକ କରୁଣାକର ଦେହୁରୀ, ଧରଣୀଧର ଦେହୁରୀ, ଅରୁଣ ଦେହୁରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ମା' ବୁଢ଼ୀ ଠାକୁରାଣୀ।



ଶୋଭାଯାତ୍ରାରେ ଆଲମ।

# ଆଠମଲ୍ଲିକରେ ନୂତନ ବିଡିଓଙ୍କ ଯୋଗଦାନ



ଆଠମଲ୍ଲିକ,୨୧।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ପଞ୍ଚାୟତ ସମିତିରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ପ୍ରଶିକ୍ଷୁ ତେଜସ୍ୱିନୀ ବେହେରା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଦାୟିତ୍ୱ ନେବା ପରେ ବିଡିଓ ବେହେରା କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ କିପରି ଜନସାଧାରଣ ପାଇପାରିବେ ତାହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ କରାଯିବ। ଦାୟିତ୍ୱ ଗ୍ରହଣ ପରେ ନୂଆ ବିଡିଓ ମାଧପୁର ପଞ୍ଚାୟତରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ୩୦୦ରୁ ଅଧିକ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ କେତୋଟି ଅଭିଯୋଗର ସମାଧାନ କରାଯିବା ସହିତ ଆଉ କେତୋଟି ଅଭିଯୋଗପତ୍ରକୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଏହି ଶିବିରରେ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ବିଏସଏସଓ ନିକୁଞ୍ଜ ରଞ୍ଜନ ଦାଶ, ଜିପିଡିଓ ନରେନ୍ଦ୍ର ମେହେର, ମାଧପୁର ସରପଞ୍ଚ ସନ୍ତୋଷିନୀ ମହାକୁଡ଼ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ତାଲିମ



ଶିବିରରେ ଯୋଗ ଦେଇଥିବା କାଉନସିଲରଙ୍କ ସମେତ ପଦାଧିକାରୀମାନେ।

## ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କୁମଣ୍ଡସ୍ଥିତ ଜରାସିଂହା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ, ଛେଣ୍ଡିପଦା ଓ ବଅଁରପାଳ ବ୍ଲକର ୮୪ ଜଣ କାଉନସିଲର ଯୋଗ ଦେଇଥିଲେ। ବିଦ୍ୟାଳୟସ୍ତରରେ ଜୁନିୟର ରେଡ୍‌କ୍ରସକୁ ତ୍ୱରାନ୍ୱିତ କରି ଜରୁରିକାଳୀନ ପରିସ୍ଥିତିର ସୁଚାରୁ ରୂପେ ମୁକାବିଲା କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିହିର ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଜୁନିୟର ରେଡ୍‌କ୍ରସର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ଦୁର୍ଯ୍ୟୋଧନ ଗୁରୁ, ବିଭୁପ୍ରସାଦ ପାଣି, ଅବିନାଶ ସାମଲ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ସାଧନ କର୍ମୀ ଭାବେ ଉପସ୍ଥିତ ରହି ରେଡ୍‌କ୍ରସ୍‌ର ଇତିହାସ, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ଏଚ୍‌ଆଇଭି ଓ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସୁମିତା ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

# ବିଶେଷଜ୍ଞ, ଡାକ୍ତର ପଦବୀ ପୂରଣ କରାଯାଉ

## ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଆଠମଲ୍ଲିକ ବିଧାୟକ



ବଇଣ୍ଡା, ୨୧।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣର ଡାକ୍ତର ନାହାନ୍ତି। ବିଶେଷକରି ଆଠମଲ୍ଲିକ ଉପଖଣ୍ଡବାସୀଙ୍କୁ କିଭଳି ଠିକ୍ ଭାବେ ସ୍ୱାସ୍ଥ୍ୟସେବା ମିଳିବ ସେ ନେଇ ମଙ୍ଗଳବାର ବିଧାନସଭାରେ ପ୍ରସଙ୍ଗ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ବହୁ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ଧଳପୁର ସେତୁ ନିର୍ମାଣ ହେବା ପରେ ବୌଦ୍ଧ ଜିଲାରୁ ଅନେକ ରୋଗୀ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ନ ଥିବା ଯୋଗୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଉଥିବା ଡାକ୍ତରମାନେ ୨/୩ ମାସ ରହି ଉଚ୍ଚ ଶିକ୍ଷା ପାଇଁ ପଳାଇ ଯାଉଛନ୍ତି। ଏଥିଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ଅଭାବରୁ ଚିକିତ୍ସା ସେବା ଠିକ ଭାବରେ ମିଳୁନାହିଁ। ନିଯୁକ୍ତି ଦିଆଯାଉଥିବା ନୂତନ ଡାକ୍ତରଙ୍କୁ ବର୍ଷେ ପର୍ଯ୍ୟନ୍ତ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ବିଧାୟକ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଅମରେଶ ସଭାପତି, ମନୋରଞ୍ଜନ ସମ୍ପାଦକ

## ହେମସୁରପଡ଼ା ଦୁର୍ଗାପୂଜା କମିଟି ନୂତନ କର୍ମକର୍ତ୍ତା ଚୟନ

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ହେମସୁରପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଅଭିମନ୍ୟୁ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାପତି ଭାବେ ଅମରେଶ ସ୍ୱାଇଁ, ଉପ ସଭାପତି ଭାବେ ଅଶୋକ ଦଳବେହେରା, କଲୋଳକାନ୍ତ ସାହୁ, ସାଧାରଣ ସମ୍ପାଦକ ଭାବେ ମନୋରଞ୍ଜନ ଜେନା, ସହସମ୍ପାଦକ ଭାବେ ଅଶ୍ୱିନୀ ଦଳବେହେରା, ସୁଜିତ କୁମାର ବେହେରା, ବିକାଶ ସୁବୁଦ୍ଧି, ପ୍ରସନ୍ନ ଦଳବେହେରା ଏବଂ କୋଷାଧ୍ୟକ୍ଷ ଭାବେ ବିଭୂତି ଦଳବେହେରାଙ୍କୁ ଚୟନ କରାଯାଇଥିଲା। ଏହାଛଡା ୧୩ ଜଣ ଉପଦେଷ୍ଟାଙ୍କୁ ଚୟନ କରାଯାଇଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳା ସହିତ ଦୁର୍ଗାପୂଜା ଅନୁଷ୍ଠିତ ହେବ ବୋଲି ନୂତନ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ହେମସୁରପଡା ଦୁର୍ଗାପୂଜା ଭାଇଚାରା ମଧ୍ୟରେ ୫୦ରୁ ଅଧିକ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି ବୋଲି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରିଆଜୁଦ୍ଦିନ ଅହମ୍ମଦ ପ୍ରକାଶ କରିଛନ୍ତି।



# ବଇଣ୍ଡାରେ ବନ୍ଦ ପାଳନ, ରାସ୍ତାରୋକୋ



ବଇଣ୍ଡା, ୨୧।୮ (ପରିକ୍ଷିତ ସାହୁ)

ଅଖିଳ ଭାରତ ଅନୁସୂଚିତ ଜାତି ଓ ଜନଜାତି ସମିତି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ ବଇଣ୍ଡାଠାରେ ବନ୍ଦ ପାଳନ କରାଯାଇଛି। ସମିତି ସଦସ୍ୟମାନେ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ମୋଟର ଅଟକି ରହିଥିଲା। ଏଥିସହିତ ବଇଣ୍ଡା ଅଞ୍ଚଳରେ ଦୋକାନ ସହ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବନ୍ଦ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଡା ସମାଜ ପକ୍ଷରୁ ରଞ୍ଜନ ପ୍ରଧାନ, ସିନ୍ଧିଆ ଦେହୁରୀ, ଶଙ୍କର ମାଝୀ, ଶ୍ରୀରାମ ପ୍ରଧାନ, ଯାଦବ ପ୍ରଧାନ, ମିଲୁ ପ୍ରଧାନ, ଦୁଃଖିଆ ମାଝୀ, ବିପିନି ବେହେରା, କୈଳାସ ପ୍ରଧାନ, ରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ସଦାଶିବ ନାୟକ, କୁଶ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ରାସ୍ତା ଅବରୋଧ କଲେ କର୍ମକର୍ତ୍ତା

ବଅଁରପାଳ,୨୧।୮ (ସୁବାସ ସାହୁ)

ଅନୁସୂଚିତ ଜାତି ଓ ଜନଜାତି ସମନ୍ୱୟ ସମିତି ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ବେଳେ ଅନୁଗୋଳ ଜିଲା ବଅଁରପାଳରେ ବନ୍ଦ ପାଳନ କରାଯାଇଛି। ସମିତିର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ଆମ୍ବେଦକର ଫାଉଣ୍ଡେଶନ ଅନୁଗୋଳର ଗୋପାଳ ଚନ୍ଦ୍ର ନାଏକ, କର୍ମକର୍ତ୍ତା ଚିନ୍ମୟ ନାଏକ, ପ୍ରଫୁଲ୍ଲ ନାଏକ, ଟଙ୍କଧର ନାଏକ, ଜିତୁ ନାଏକ, ରିତେଶ ନାଏକ, ବିକାଶ ନାଏକ, ଚୌଧୁରୀ ନାଏକ, କାହ୍ନୁ ନାଏକ, ଅଜିତ ନାଏକ, ମହେଶ୍ୱର ବେହେରା, ଦୁଷ୍ମନ୍ତ ନାଏକ, କ୍ଷୀରୋଦ ନାଏକ, ରମେଶ ନାଏକ, ସୁବ୍ରତ ନାଏକ, ଧୁଶା ନାଏକ, ବୀରେନ ନାଏକ, ନିରାକାର ନାଏକ, ଦେ ନାଏକ, ମାଧବ ନାଏକ, ଚନ୍ଦନ ନାଏକ, ବଳିଆ ନାଏକ, ଶକ୍ତି ନାଏକ, ପାଣ୍ଡବ ନାଏକ, ବରୁ ନାଏକ ଓ ଶିବ ନାଏକ ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।



# ଶୋଭାଯାତ୍ରାରେ ସାମିଲ ହେବ ୨୦ ମେଢ଼



## ଶୃଙ୍ଖଳିତ ଭସାଣି ପାଇଁ ବୈଠକ

ଅନୁଗୋଳ, ୨୧।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳରେ ଆସନ୍ତା ସେପ୍ଟେମ୍ବର ୭ରୁ ଗଣେଶ ପୂଜା ଆରମ୍ଭ ହୋଇ ୧୪ ତାରିଖରେ ଭସାଣି ଶୋଭାଯାତ୍ରା ସହ ସମାପନ ହେବ। ଏ ନେଇ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଭାବେ କିପରି ଭସାଣି ଶୋଭାଯାତ୍ରା ସମାପନ ହେବ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଚଳିତବର୍ଷ ଶୋଭାଯାତ୍ରାରେ ମୋଟ ୨୦ଟି ମେଢ଼ ସାମିଲ ହେବେ। ମେଢ଼ଗୁଡିକ ଗ୍ରୁପ-ଏ ଓ ଗ୍ରୁପ-ବି କରାଯାଇ ନିର୍ଦ୍ଧାରିତ ରୁଟ୍‌ରେ ଯିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଗ୍ରୁପ- ଏ' ରେ ୧୩ଟି ମେଢ଼ ସାମିଲ ହୋଇଥିବା ବେଳେ ପ୍ରଥମ ମେଢ଼ ଥାନା ଛକଠାରୁ ଶୋଭାଯାତ୍ରାରେ ରାଜା ଛକ ଦେଇ ବଜାର୍ ଛକ ଯାଏ ଯିବ। ସେହିପରି ଗ୍ରୁପ-ବି' ରେ ୭ଟି ମେଢ଼ ସାମିଲ ହେବ। ପ୍ରଥମ ମେଢ଼ ରାଜ ହୋଟେଲ ଛକ ଠାରୁ ଶୋଭାଯାତ୍ରା ଆରମ୍ଭ କରି କାଞ୍ଚନ ବଜାର ଦେଇ ରାଜା ଛକ ଠାରେ ଶେଷ କରିବ। ଏହାପରେ ଅସ୍ଥାୟୀ ପୋଖରୀରେ ମେଢ଼ଗୁଡ଼ିକ ବିସର୍ଜନ କରାଯିବ। ଗ୍ରୁପରେ କେତେ ନମ୍ବରରେ କିଏ ରହିବେ ସେ ନେଇ ଲଟେରି କରାଯାଇଥିଲା। ଗ୍ରୁପ -ଏ' ରେ ୧ନଂ. ଗୋପୀନାଥ ଜୀଉ କ୍ଲବ ମେଢ଼, ୨ନଂ. ବ୍ରଦର୍ସ କ୍ଲବ, ୩ନଂ. ୟୁନିକ କ୍ଲବ, ୪ନଂ. ଅନୁଗୋଳ ୟୁଥ୍ କ୍ଲବ, ୫ନଂ. ଗାନ୍ଧୀ କ୍ଲବ, ୬ନଂ. କ୍ଲବ ଗଣପତି, ୭ନଂ. ତୋଫାନ କ୍ଲବ, ୮ନଂ. ଇନ୍ଦ୍ରା କ୍ଲବ, ୯ନଂ. ପ୍ରେ କ୍ଲବ,୧୦ନଂ. ୱାରିୟର କ୍ଲବ, ୧୧ନଂ. ୟୁନାଟେଡ କ୍ଲବ, ୧୨ନଂ. କଳିଙ୍ଗ ବିକାଶ କେନ୍ଦ୍ର, ୧୩ନଂ.ରେ ଆଲାମ କ୍ଲବ ମେଢ଼ ଶୋଭାଯାତ୍ରାରେ ଯିବ। ସେହିପରି ଗ୍ରୁପ -ବି' ୧ନଂ.ରେ କ୍ଲବ ଗଣପତ ମେଢ଼, ୨ନଂ. ମହିମା ନେହରୁ କ୍ଲବ, ୩ନଂ. ତୁରଙ୍ଗ ପୂଜା କମିଟି, ୪ନଂ. ଅଲଟିମେଟ କ୍ଲବ, ୫ନଂ. ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ, ୬ନଂ. ମହାବିନାୟକ ୟୁଥ୍ କ୍ଲବ ଓ ୭ନଂ.ରେ ଜୁନିୟର ଲାୟନ୍ସ କ୍ଲବ ମେଢ଼ ଶୋଭାଯାତ୍ରାରେ ଯିବ ବୋଲି ସ୍ଥିର କରାଯାଇଥିଲା।

# ମା' ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ

## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଛେଣ୍ଡିପଦା,୨୧।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ୫ ଦିନିଆ ବାର୍ଷିକ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ଭଲ ପାଗ ରହିଥିବାରୁ ଯାତ୍ରାର ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଗ୍ରାମ କମିଟି ସଭାପତି କୃତାର୍ଥ ଦେହୁରୀ ଓ ସମ୍ପାଦକ ସାହୁ, ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ସଭାପତି ତଥା ସରପଞ୍ଚ ଉଦିତ କୁମାର ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ପ୍ରତ୍ୟୁଷରୁ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ପରମ୍ପରା ଅନୁଯାୟୀ ଦିଆଣୀ (କାଳିଶି) ବିରାଟ ପଟୁଆରରେ ପୀଠକୁ ଆସିଥିଲେ। ପ୍ରଥମେ ଛାଟ ଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜା ପରେ ଦିଆଣୀଙ୍କ ଦେହରେ ଠାକୁରାଣୀ ଆବିର୍ଭାବ ହୋଇଥିଲେ। ପରେ ବେଢ଼ା ଭିତରେ ଅଧିଆ ପଡିଥିବା ଭକ୍ତମାନଙ୍କୁ ଦିଆଣୀ ଉଠାଇ ପ୍ରସାଦ ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ୬୮ ଜଣ ଭକ୍ତ ବିଭିନ୍ନ ମାନସିକ ନେଇ ଅଧିଆ ପଡିଥିଲେ। ଅପରାହ୍ନ ୪ଟାରେ ମନ୍ଦିରର ମୁଖ୍ୟ ପୂଜକ ପଟାୟତ ଦେହୁରୀ ପୂଜା ସମାପ୍ତ କରି ମାନସିକଧାରୀଙ୍କୁ ଭୋଗ ଦେଇଥିଲେ। ପୀଠ ସ୍ଥଳରେ ୬୫୦ରୁ ଅଧିକ ଶିଶୁଙ୍କ ସମେତ ବିଭିନ୍ନ ମାନସକଧାରୀଙ୍କ ମୁଣ୍ଡନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି, ଟ୍ରଷ୍ଟ ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲୋକନାଥ ପ୍ରଧାନଙ୍କ ସ୍ତ୍ରୀ ଗୌରୀ ପ୍ରଧାନ ସକାଳ ୮ଟା ୩୦ରେ ପରମ୍ପରା ଅନୁଯାୟୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂଜାକୁ ସରସ ସୁନ୍ଦର କରିବା ପାଇଁ ମା' ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସେହିପରି କୋଶଳା ଡ୍ରାଇଭର ମହାସଂଘ ପକ୍ଷରୁ ଥଣ୍ଡା ପାନୀୟ ଜଳ, ରୋଗୀବୁହା ଗାଡ଼ି ବ୍ୟବସ୍ଥା କରାଯାଇଥିଲା। କୋଶଳା ରାମନବମୀ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ୬ଶହରୁ ଅଧିକ ଅସ୍ଥାୟୀ ଦୋକାନ, ଦୋଳି ଆଦି ପଡିଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ, ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁ, ଛେଣ୍ଡିପଦା ଏସ୍‌ଆଇ ରାଜେଶ କୁମାର ଶତପଥୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଫୋର୍ସ ମୁତୟନ କରାଯାଇଛି।



